The Odisha Gazette

EXTRAORDINARY
PUBLISHED BY AUTHORITY

No. 1845 CUTTACK, WEDNESDAY, SEPTEMBER 26, 2018/ASWINA 4, 1940

## ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No.COL/JAJ/VIIL-41/2018/545 Date.01.09.18

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାର ଭଦ୍ରକ-ନୁର୍ଗୁଣ୍ଡୀ ୩ୟ ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା ବାରଦା, ଥାନା– କୋରେଇ, ଥାନା ନଂ.୪୩, ତହସିଲ– ବ୍ୟାସନଗର, ଜିଲ୍ଲା– ଯାଜପୁର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୨୫୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗୀତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ - ଭଦ୍ରକ-ନୁର୍ଗୁଣ୍ଡୀ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ ୨) ପୂର୍ବ ପଟ ରେଳପଥ ଯାଜପୁର କେନ୍ଦୁଝର ରୋଡ, ଯାଜପୁର ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଭଦ୍ରକ-ନୁର୍ଗୁଣ୍ଡୀ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ନଂ ୨୬୪୯୪/ R&DM ୧୯.୦୭.୨୦୧୮ ପ୍ରକାରେ ଭୂମି ଅଧିକରଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଯାଜପୁର ।

୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଯାଜପୁର | ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି । | | | | | | | |

ଉକ୍ତ ଅଧି ସୂଚୀତ ଜମି ରକବା ମଧ୍ୟରୁ ଏ. ---- ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଭଦ୍ରକ-ନୁର୍ଗୁଣ୍ଡି ୩ୟ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟ, (ନୂଆ ସୁଙ୍ଗୁଡ଼ା) ଚଣ୍ଡିଖୋଲରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ଭୂମି ଅନୁସୂଚୀ

**ଜମିର ତାଲିକା**

**ପୂର୍ବତଟ ରେଳପଥର ଭଦ୍ରକ - ନିର୍ଗୁଣ୍ଡି ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିକରଣ ବିବରଣୀ**

**ମୌଜା- ବାରଦା, ଥାନା- କୋରେଇ, ଥାନା ନଂ.୪୩**

**ତହସିଲ୍- ବ୍ୟାସନଗର, ଜିଲ୍ଲା- ଯାଜପୁର**

**ବ୍ୟକ୍ତିଗତ ଜମି -**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଅଧିଗ୍ରହଣ ରକବା (ଏକରରେ) | ଖାତା ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨୯୫ | ୧୪୮୫ | ସାରଦ-୧ | ୦.୨୮୦ | ୦.୦୮୬ | ଇସମାଇଲ ଖାଁ ପିତା- ଦଲିଲ୍ ଖାଁ, ଜାତି- ମୁସଲମାନ, ବା- ସାଦକପୁର |
| ୨ | ୬୧ | ୧୫୩୮ | ସାରଦ-୧ | ୦.୦୯୦ | ୦.୦୪୭ | ସେକ୍ କମିର ମହମ୍ମଦ, ଇମଜାନି ମହମ୍ମଦ, ରାବାନି ମହମ୍ମଦ, ସାବାନି ମହମ୍ମଦ ପିତା- ସେକ୍ ଗରିବ ମହମ୍ମଦ, ସେକ୍ ନୁର ମହମ୍ମଦ, ସେକ୍ ସୁକର ମହମ୍ମଦ ପି- ଇସୁପ ମହମ୍ମଦ, ଜାତି- ମୁସଲମାନ, ବା- ଫାଜଲପୁର |
| ୩ | ୨୮୧ | ୧୫୩୯ | ସାରଦ-୧ | ୧.୧୬୦ | ୦.୧୦୦ | ଭିକାରି ଚରଣ ବାରିକ, ପିତା- ବେନୁ ବାରିକ, ଜାତି- ଭଣ୍ଡାରୀ, ବା- ନିଜଗାଁ |
| ୪ | ୪୧୮ | ୧୫୪୧ | ସାରଦ-୧ | ୦.୧୩୦ | ୦.୦୧୦ | ସୁନା ନାୟକ, ସ୍ୱାମି- ଅନାମ ନାୟକ, ଜାତି- ନିଆରି, ବା- ଫାଜଲପୁର |
| ୫ | ୪୪୮ | ୧୫୪୨ | ସାରଦ-୧ | ୦.୪୪୦ | ୦.୦୧୦ | ହାଫିଜ ଉଦ୍ଦିନ ଖାଁ, ୟୁସୁଫ ଖାଁ, ପିତା- ୟାକୁବ ଖାଁ, ଜାତି- ମୁସଲମାନ, ବା- ସାଦକପୁର |
| | | | | **ମୋଟ** | **୦.୨୫୩** | |

ରାଜ୍ୟପାଳଙ୍କ ଆଦେଶ କ୍ରମେ

(ରଞ୍ଜନ କୁମାର ଦାସ)

ଯାଜପୁର ଜିଲ୍ଲାପାଳ

Printed and Published by the Director,Directorate of Printing, Stationery and Publication, Odisha, Cuttack-10
Ex. Gaz. 1322–173+15